# ପିଲାଙ୍କ ଧରିତ୍ରୀ

ଶନିବାର, ୧୨ ମାର୍ଚ୍ଚ, ୨୦୨୨



# ଆମ ଗାଁ ହୋଲି

## ଗପ

ସକାଳୁ ଉଠି ଗାଧୋଇପାଧୋଇ ଆମ୍ବଡାଳ, ଦୂବ ବରକୋଳି ପତ୍ର ମାଟି କଳସରେ ରଖି ନୂଆ ଧାନ ଦେଇ ଦାଣ୍ଡ ଦୁଆରେ କୁମ୍ଭ ବସେଇଲି। କାଲି ଘର ଅଗଣା ଲିପାପୋଛା କରି ଦେଇଥିଲି। ନ ହେଲେ ଆଜି ଆହୁରି ବିଳମ୍ବ ହୋଇ ଥାଆନ୍ତା। ଏତିକିବେଳେ ମୋ ପୁଅ ଆକାଶର ଫୋନ ଆସିଲା ଦିଲ୍ଲୀରୁ। ଆକାଶ କହିଲା ବୋଉ ତୁ କ'ଣ କରୁଛୁ ? ଏଇ କଥା ଟିକେ ଶୁଣି ଦେଇ ମୋ ଆଖି ଲୁହ ଓଠ ପାଖରେ ପହଞ୍ଚିଲା। ଆରେ ପାଗଳା ତୁ କୁଆଡ଼େ ଯାଇଥିଲୁ ଦୁଇ ମାସ ହେଲାଣି ? ଆଜି ତୋ ବୋଉ କଥା ମନେପଡ଼ିଲା ! ଆକାଶ କହିଲା "ନାଇଁଲୋ ବୋଉ ତୋ କଥା ଆଉ ବାପାଙ୍କ କଥା ସବୁବେଳେ ମନେପଡ଼େ! ମୁଁ କ'ଣ କରିବି, ଅଫିସରେ ବହୁତ ବ୍ୟସ୍ତ ରହୁଛି। ଛାଡ଼ ସେ ସବୁ କଥା, ତୁ ଆଗ କହ, ଆଜି ପରା ଦୋଳପୂର୍ଣ୍ଣିମା, ତୁ ପିଠା, ଖିରି କରିଛୁ ନା ? ମୋର ଭାରି ଇଚ୍ଛା ହେଉଛି ତୋ ହାତ ତିଆରି ପିଠା, ଖିରି ଖାଇବା ପାଇଁ! ବାପାଙ୍କର ସେଇ ଓଗାଳ ବୋଲା, ଗାଁ ମୁଣ୍ଡରେ ବାଡ଼ି ଖେଳ, ଅବିର ବୋଳା କଥା ବହୁତ ମନେ ପଡୁଛି।"

ହଁ ରେ ପାଗଳା ସବୁ ତ ଧୁମଧାମରେ ହେଉଛି। ହେଲେ ତୋ ବିନା ଆମକୁ କିଛି ଭଲ ଲାଗୁନାହିଁ। କାଲି ସନ୍ଧ୍ୟାରେ ଆର ସାହି ରଘୁଆ ମଉସା ଆମ ଘରକୁ ଆସିଥିଲେ। କହିଲେ ଆମ ଆକାଶଟା ଗଲା ଦିନରୁ ଆଉ କେହି କୃଷ୍ଣଙ୍କ ଅଭିନୟ କରି ପାରୁନାହାନ୍ତି। ଆଉ ଦୋଳ ନାଟକ ହେଉ ନାହିଁ। ଠିକ ଏହି ସମୟରେ ଆକାଶର ବାପା ମୋତେ ଏପଟରୁ କହିଲେ "ଆରେ ଆମ ପୁଅ, ବୋହୂ ନନ୍ଦିନୀ ଆଉ ନାତିଆଟୋକା ସମସ୍ତେ ଗାଡ଼ିରେ ବସି ଫୋନ କରୁଛନ୍ତି। ସେମାନେ ସମସ୍ତେ କାଲି ଆସି ଘରେ ପହଞ୍ଚିବେ"। ଏତକ ଶୁଣି ମୋ ଗୋଡ଼ ଆଉ ତଳେ ରହିଲା ନାହିଁ।

ମୋତେ ରାତିଟା ଲାଗୁଥାଏ ଯୁଗପରି। ଭୋର ପାଞ୍ଚଟା ସମୟରେ ଆକାଶ ସହିତ ବୋହୂ, ନାତି ସମସ୍ତେ ଆସି ଘରେ ପହଞ୍ଚିଗଲେ। ସେଦିନ ଥାଏ ହୋରି ଖେଳ। ଆମେ ସମସ୍ତେ ଠାକୁର ଘରେ ବସି ରାଧା କୃଷ୍ଣଙ୍କ ପାଦ ଯୁଗଳରେ ଅବିର ଲଗେଇ ତା' ପରେ ପରସ୍ପର ମଧ୍ୟରେ ଅବିର ବୋଳି ହେଲୁ। କିନ୍ତୁ ଆକାଶ ଗାଁ ସାହିକୁ ଯାଇ ତା' ସାଙ୍ଗ ମାନଙ୍କ ମେଳରେ ହୋରି ଖେଳିଲା। ଠାକୁରଙ୍କ ପାଖରେ ଲଗେଇଥିବା ଭୋଗ କଦଳୀ, ଫଳ, ଛେନା, ନଡ଼ିଆ, ପିଠା, କ୍ଷୀରି, ମିଠା, ଲହୁଣୀ ଇତ୍ୟାଦି ଆଣି ସମସ୍ତଙ୍କୁ ଖାଇବାକୁ ଦେଲି। ଜେଜେ କହିଲେ "ଆରେ ନାତି ପାଞ୍ଚ ଦିନ ପର୍ଯ୍ୟନ୍ତ ଆମେମାନେ ସମସ୍ତେ ଏମିତି ଅରୁଆ ଅନ୍ନ, ଡାଲମା, ପୁରି, ଫଳମୂଳ, ମିଠା ଆଦି ଭୋଗ ଖାଇବା। ଗାଁରେ ଦୋଳ ଠାକୁର (ମେଢ଼ରେ ରାଧା କୃଷ୍ଣଙ୍କ ଦୁଇ ପାଖରେ ଦୁଇ ସଖି ଏବଂ ଗାଈର ମୂର୍ତ୍ତି) ବସିବେ। ବାଡ଼ି ଖେଳ, ଓଗାଳ ବୋଲା, ଭଜନ କୀର୍ତ୍ତନ, ଅବିର ବୋଳା, ଗୋ ମାତାଙ୍କୁ ପୂଜା କରିବା, ଭୋଜି ଭାତ ବଣ୍ଟାକୁଣ୍ଟା ଇତ୍ୟାଦି ହେବ। ଏଇଟା ଆମ ଗୋପାଳଙ୍କର ପୂର୍ବ ପୁରୁଷରୁ ରହି ଆସିଥିବା ପରମ୍ପରା ଦୋଳ



ପର୍ବ। ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଏହି ପର୍ବରେ ସମସ୍ତେ ଗାଁ କୁ ଫେରିବେ।

ସବୁ ଶୁଣି ସାରିବା ପରେ ନାତି କହିଲା ଜେଜେ କିନ୍ତୁ ଦିଲ୍ଲୀରେ ଆମେ ରହୁଥିବା ସୋସାଇଟିରେ ସବୁ ଲୋକେ ହୋଲି ସେଲିବ୍ରେଟ କରନ୍ତି। ଡିଜେ ବଜାଇ ନାଚନ୍ତି, ରଙ୍ଗ ଲଗାନ୍ତି। ଆଉ ଅଙ୍କଲ ଆଣ୍ଟି ଆସି ପାପା ମାମାଙ୍କ ଉପରେ କଲରଫୁଲ ପାଣି ଢାଳିଦିଅନ୍ତି। ସମସ୍ତେ ବଡ଼ ପାଟିରେ କୁହନ୍ତି "ହ୍ୟାପି ହୋଲି"। ନାତିଟୋକା କଥା ଶୁଣି ସମସ୍ତେ ହସିଲୁ।

**–ଅମରନାଥ ବାରିକ୍**
କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

## ଖିଲି ଖିଲି ହସ

**(ରାଜୁକୁ ଶିକ୍ଷକଙ୍କ ପ୍ରଶ୍ନ...)**

**ଶିକ୍ଷକ:** ରାଜୁ କହିଲୁ, ଭାସ୍କୋଡାଗାମା କେବେ ଭାରତ ଆସିଥିଲେ ?
**ରାଜୁ:** ସାର୍! ଏତେ ସହଜ ପ୍ରଶ୍ନ। ଶୀତଦିନେ ଭାସ୍କୋଡାଗାମା ଭାରତ ଆସିଥିଲେ।
**ଶିକ୍ଷକ(ରାଗି ଯାଇ):** ମୂର୍ଖ! କିଏ ତତେ ପାଠ ପଢ଼ାଇଥିଲା ?
**ରାଜୁ:** ମୁଁ ସତ କହୁଛି ସାର୍...ମୁଁ ଫଟୋରେ ଦେଖିଛି, ସେ ଆସିଲାବେଳେ ଗୋଟେ ବଡ଼ କୋଟ୍ ପିନ୍ଧିଥିଲେ।

**(ବିଜୁ ନୂଆ ନୂଆ ଇଂଲିଶ ଶିଖୁଥିବାରୁ...)**

**ବିଜୁ:** ଆରେ ମନୁ, ମୋତେ 'ଆଇ ଆମ୍ ଗୋଇଙ୍ଗ୍'ର ଅର୍ଥ କ'ଣ କହିଲୁ ?
**ମନୁ:** ମୁଁ ଯାଉଛି।
**ବିଜୁ(ମୁଣ୍ଡରେ ହାତ ଦେଇ):** ହେ ଭଗବାନ, ତୁ ପୁଣି କୁଆଡ଼େ ଯାଉଛୁ ? ମୁଁ ଯାହାକୁ ପଚାରୁଛି ସମସ୍ତେ କହୁଛନ୍ତି 'ମୁଁ ଯାଉଛି'। ହେଲେ, ତୁ ନ କହିଲା ଯାଏ ମୁଁ ତତେ ଆଜି କୁଆଡ଼େ ବି ଯିବାକୁ ଦେବିନି।

**(ଜେଜେ–ନାତି ମଧ୍ୟରେ କଥାବାର୍ତ୍ତା...)**

**ଜେଜେ:** ନାତିଆ କହିଲୁ, ପୃଥିବୀର ସବୁଠୁ ପୁରୁଣା ପ୍ରାଣୀର ନାଁ କ'ଣ ?
**ନାତି:** ଜେବ୍ରା।
**ଜେଜେ (ଆଶ୍ଚର୍ଯ୍ୟରେ):** ଆରେ କେମିତି ?
**ନାତି:** କାହିଁକି ନା, ସେ ଆଜି ଯାଏ ବି 'ବ୍ଲାକ୍ ଆଣ୍ଡ ହ୍ୱାଇଟ୍' ହୋଇ ରହିଛି।

## ରଙ୍ଗ ଦିଅ




## ମତାମତ

❖ 'ତୁମ ତୂଳୀରେ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ଲାଗୁଛି।
**–ସୁପ୍ରିୟା ପାତ୍ର, ଆଳି, କେନ୍ଦ୍ରାପଡ଼ା**

❖ 'ଜଣା ଅଜଣା' ସ୍ତମ୍ଭଟିରୁ ନୂଆ ନୂଆ ଜିନିଷ ଜାଣିବାକୁ ମିଳୁଛି। ଏହାର ଚିତ୍ରଗୁଡ଼ିକ ବି ଆକର୍ଷଣୀୟ ଲାଗୁଛି।
**–ବଂଶୀଧର ନାୟକ, ବରି, ଯାଜପୁର**

❖ 'ଚଗଲା ଭୀମୁ' ଓ 'ଖିଲି ଖିଲି ହସ' ପଢ଼ିବାକୁ ମଜା ଲାଗୁଛି।
**–ରୁବିନା ଚାଟାର୍ଜୀ,ବରମୁଣ୍ଡା, ଭୁବନେଶ୍ୱର**

❖ ପିଲାଙ୍କ ଧରିତ୍ରୀରେ ପ୍ରକାଶିତ 'ଫ୍ରି ଟାଇମ୍' ପାଠଟି ଶିକ୍ଷଣୀୟ ହୋଇଥିଲା।
**–ମହାଶ୍ୱେତା ପାଣି, କନ୍ଧମାଳ, ବୌଦ୍ଧ**

❖ ଗଣିତ କଥାରେ ପ୍ରକାଶିତ 'ଶୂନକୁ ଶୂନରେ ହରଣ' ପାଠଟି ପଢ଼ି ନୂଆ ଲାଗିଲା।
**–ପଙ୍କଜ ନାଥ,ବୈଶିଙ୍ଗା, ମୟୂରଭଞ୍ଜ**

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ



ଆଉ ମାତ୍ର ସପ୍ତାହେ ପରେ ରଙ୍ଗର ପର୍ବ ହୋଲି। ଯାହାକୁ ନେଇ ପିଲାଙ୍କ ଉତ୍ସାହ କହିଲେ ନ ସରେ। ଏଣେ ରାସ୍ତା କଡ ଦୋକାନରେ ବି ଧାଡି ଧାଡି ହୋଇ ମେଲିଗଲାଣି ରଙ୍ଗର ପସରା। କିଏ ଅବିର କିଣିଲାଣି ତ କିଏ ଭଳିକି ଭଳି ପିଚକାରୀ ଆଉ କିଏ କଲର୍ ଗନ୍ ତ ବେଲୁନ୍। ତେବେ ଏଥର ହୋଲିକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ କିଭଳି ଚଲାଇଛନ୍ତି ପ୍ଲାନିଂ ତାକୁ ନେଇ ଉପସ୍ଥାପନା...



# ଆସୁଛି ହୋଲି

## ମୋର ଫେଭରେଟ୍ ଫେଷ୍ଟିଭାଲ

**ମୋ**ତେ ରଙ୍ଗ ଖେଳିବାକୁ ବହୁତ ଭଲ ଲାଗେ। ସେଥିପାଇଁ ଏହା ମୋର ଫେଭରେଟ୍ ଫେଷ୍ଟିଭାଲ। ହୋଲି ପାଇଁ ଦୋକାନରୁ ନାନା ରକମର ରଙ୍ଗ କିଣିସାରିଛି। ଏଥର ଆମେ ଗାଁ ସାଙ୍ଗମାନେ ମିଶି ହୋଲି ଖେଳିବୁ ବୋଲି ପ୍ଲାନିଙ୍ଗ୍ କରିଛୁ। ହୋଲିଖେଳ ସରିବା ପରେ ଦୋଳ ସହ ଗାଁ ଗାଁ ବୁଲି ଭୋଗ ଖାଇବୁ।

**–ଶୁଭମ ମହାପାତ୍ର,** କ୍ଲାସ–୮, ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟ, ସୋରଡା, ଗଞ୍ଜାମ



## ପ୍ରାକୃତିକ ରଙ୍ଗରେ ହୋଲି ଖେଳିବି

**ଏ**ଥର ବଜାରରୁ ରଙ୍ଗ ନ କିଣି ମୁଁ ପ୍ରାକୃତିକ ଉପାୟରେ ରଙ୍ଗ ପ୍ରସ୍ତୁତ କରିଛି। ଏଥିପାଇଁ ମୋ ସ୍କୁଲର ସାର୍ ଆଉ ମ୍ୟାଡାମ୍ ବହୁତ ସାହାଯ୍ୟ କରିଛନ୍ତି। ସବୁ ଭେରାଇଟିର ରଙ୍ଗ ପ୍ରସ୍ତୁତ କରିଛି। ହୋଲି ଥିବାରୁ ଘରକୁ ବହୁ ଅତିଥି ଓ ସାଙ୍ଗମାନେ ଆସିବେ। ସେମାନଙ୍କ ସହ ମିଠା ଆଉ ପିଠା ଖାଇ ହୋଲି ପାଳନ କରିବି। ଏଥର ହୋଲି ଖେଳରେ ବହୁ ମଜା ହେବ।

**–ପୃଥ୍ୱୀରାଜ ସେଠୀ,** କ୍ଲାସ–୯, ନିର୍ମଳ କନଭେଣ୍ଟ ସ୍କୁଲ, କେନ୍ଦୁଝର



## କେମିକାଲ ରଙ୍ଗଠୁ ଦୂରେଇ ରହିବି

**ହୋ**ଲି ଖେଳରେ ମସଗୁଲ ରହି ସ୍ୱାସ୍ଥ୍ୟକୁ ଅଣଦେଖା କରିବା ଅନୁଚିତ୍। କେମିକାଲ ମିଶିଥିବା ରଙ୍ଗ ବ୍ୟବହାର କରିବିନି। ଏଥର ମୁଁ କେବଳ ହୋଲି ଖେଳିବା ବେଳେ ଫଗୁ ହିଁ ବ୍ୟବହାର କରିବି। ଅନ୍ୟମାନେ ଆଣିଥିବା କେମିକାଲ ରଙ୍ଗ ଯେମିତି ଆଖି, ପାଟି, ନାକ, କେଶରେ ନ ପଶି ଯାଉ ସେଥିପ୍ରତି ଧ୍ୟାନ ରଖିବି।

**–ସତ୍ୟଜିତ୍ ବେହେରା,** କ୍ଲାସ୍–୬, ନୀଳାଚଳ ଆଦର୍ଶ ଶିକ୍ଷାଶ୍ରମ, ନୂଆହାଟ, ପିପିଲି



## ପରିବାର ସହ ପାଳନ କରିବି

**ଆ**ଗକୁ ପରୀକ୍ଷା ଅଛି। ସେଥିପାଇଁ ଏଥର ସବୁବର୍ଷ ଭଳି ଅଧିକ ସମୟ ରଙ୍ଗ ଖେଳିବା ସମ୍ଭବ ହେବନି। ତେଣୁ ଭାବିଛି ସାଙ୍ଗମାନଙ୍କ ସହ ହୋଲି ଖେଳିବାକୁ ନ ଯାଇ ପରିବାର ସହ ହୋଲି ପାଳନ କରିବି। ଏହିଦିନ ବାପା ମାଆ ଓ ପରିବାରବର୍ଗଙ୍କ ପାଦରେ ରଙ୍ଗ ବୋଳି ଆଶୀର୍ବାଦ ନେବି। ଘରେ ମାଆ ତିଆରି କରିଥିବା ପିଠା ଓ ମିଠା ଖାଇ ପାଠପଢାରେ ମନ ଦେବି।

**–ପ୍ରତୀକ୍ଷା ଜେନା,** କ୍ଲାସ୍–୧୦, ଜୟରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲେଶ୍ୱର



## ସନ୍ଧ୍ୟାରେ ନେବି ଭୋଜିର ମଜା

**ହୋ**ଲିରେ ଆମ ଘରକୁ ରାଧାକୃଷ୍ଣ ଓ ପଞ୍ଚୁପାଣ୍ଡବ ଭୋଗ ଖାଇବା ପାଇଁ ଆସନ୍ତି। ସେଥିପାଇଁ ଆମେ ରାତିରୁ ଉଠିଥାଉ। ଦିଅଁଙ୍କ ପାଖେ ଲାଗି ହୋଇଥିବା ଫଳମୂଳ, ପିଠାମିଠା, ଭୋଗ ସାଙ୍ଗମାନେ ମିଶି ଘରଘର ବୁଲି ବାଣ୍ଟିବାକୁ ଯାଉ। ବଡଠାରୁ ସାନ ପର୍ଯ୍ୟନ୍ତ ସମସ୍ତେ ପରସ୍ପରକୁ ରଙ୍ଗ ଲଗାଉ। ସନ୍ଧ୍ୟାରେ ବଡ ଭୋଜିର ଆୟୋଜନ ହୁଏ।

**–ରୁପାଲି ସାହୁ,** କ୍ଲାସ୍–୮, ଓଡିଶା ଆଦର୍ଶ ବିଦ୍ୟାଳୟ, ବାଙ୍କୀ, କଟକ





## ସୁରକ୍ଷା ପାଇଁ ମାସ୍କ ପିନ୍ଧିବି

**ଏ**ଥର ମୁଁ ହୋଲିରେ ହର୍ବାଲ କଲର୍ ବ୍ୟବହାର କରିବି। କେମିକାଲ ରଙ୍ଗ ଯେପରି ଶରୀରର ସମ୍ବେଦନଶୀଳ ଯାଗାରେ ନ ପଡୁ ସେଥିପାଇଁ କେଶ ଓ ମୁହଁକୁ ଘୋଡାଇବା ଲାଗି ମାସ୍କ ପିନ୍ଧିବି, କେଶରେ ତେଲ ଲଗେଇ ଭଲ ଭାବରେ କଭର୍ କରିବି। ଗାଁ ଗାଁ ବୁଲି ରାଧାକୃଷ୍ଣଙ୍କ ଦୋଳକୁ ମେଳଣ ପଡିଆରେ ଦେଖିବାକୁ ଯିବି।

**–ପଦ୍ମିନୀ ସାହୁ,** କ୍ଲାସ୍–୫, ଶ୍ରୀ ଅରବିନ୍ଦ ସ୍କୁଲ୍ ଅଫ୍ ଇଣ୍ଟିଗ୍ରାଲ ଏଜୁକେଶନ, ଭୁବନେଶ୍ୱର



## ବେଲୁନ୍‌ରେ ରଙ୍ଗ ଭରି ଖେଳିବି

**ହୋ**ଲି ଖେଳିବା ପାଇଁ ମୁଁ ରଙ୍ଗୀନ ରଙ୍ଗୀନ ବେଲୁନ୍ କିଣିଛି। କାରଣ ସେଥିରେ ରଙ୍ଗ ଭର୍ତ୍ତି କରି ସାଙ୍ଗମାନଙ୍କ ଉପରକୁ ଫିଙ୍ଗିବାର ମଜା ସତରେ ଅଲଗା। ହୋଲି ଦିନ ଆମ ଘରେ ବହୁ ପିଠା ମିଠା ତିଆରି ହୁଏ। ପୁରା ପେଟ ଭର୍ତ୍ତି କରି ଖାଇବି। ବହୁତ ମଜା ହେବ।

**–ହିମେଶ କୁମାର ସାହୁ,** କ୍ଲାସ–୬, ସରସ୍ୱତୀ ବିଦ୍ୟା ମନ୍ଦିର, ପୁରୀ





୧




୨



୩



୪



୫




୬





୭



୮



୯



୧୦




୧୧

୧

**ଆଦ୍ୟା ମହାପାତ୍ର**
କ୍ଲାସ୍–୪, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ୍, ଭୁବନେଶ୍ୱର

୨

**ଆଦିତ୍ୟ ନାୟକ**
କ୍ଲାସ– ୮, ଗୋପିନାଥଜୀଉ ନୋଡାଲ ବିଦ୍ୟାପୀଠ, ଶୈଳଦା, କଟକ

୩

**ପିୟୁଷ କୁମାର ହୋତା**
କ୍ଲାସ– ୭, ସରସ୍ୱତୀ ଶିଶୁମନ୍ଦିର, ସାକ୍ଷୀଗୋପାଳ, ପୁରୀ

୪

**ଅଭିସୁମତ୍ ସାମଲ**
କ୍ଲାସ– ୧, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

୫

**ଉନ୍ନତି ମିଶ୍ର**
କ୍ଲାସ୍– ୪, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଅସୁରାଳି, ଭଦ୍ରକ

୬

**ଶ୍ରୀମାନ ଶକ୍ତିପ୍ରସାଦ**
କ୍ଲାସ– ୮, ଗୋପିନାଥଜୀଉ ନୋଡାଲ ବିଦ୍ୟାପୀଠ, ଶୈଳଦା, କଟକ

୭

**ଅଂଶୁମାନ ମହାପାତ୍ର**
କ୍ଲାସ–୯, ଭଦ୍ରକ ଜିଲ୍ଲା ସ୍କୁଲ, କୁଆଁସ, ଭଦ୍ରକ

୮

**ସ୍ମୃତିରେଖା ନାୟକ**
କ୍ଲାସ–୧୦, ଗୋପିନାଥଜୀଉ ନୋଡାଲ ବିଦ୍ୟାପୀଠ, ଶୈଳଦା, କଟକ

୯

**ତ୍ରିଶା ମିଶ୍ର**
କ୍ଲାସ–୧, ଡିଏଭି ପବ୍ଲିକ ସ୍କୁଲ, ରାଜାବଗିଚା, କଟକ

୧୦

**ଅଭିସ୍ମିତା ତ୍ରିପାଠୀ**
କ୍ଲାସ– ୬, ସରସ୍ୱତୀ ଶିଶୁ ମନ୍ଦିର, ରୁପାରୋଡ, କଳାହାଣ୍ଡି

୧୧

**ରବିନାରାୟଣ ପରିଜା**
କ୍ଲାସ–୩, କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧, ଭୁବନେଶ୍ୱର

# କହିଲା ଦେଖି



**ଦେ**ଖିବାକୁ ମୁହିଁ ମନ୍ଦିର ପରି
ଭିତରେ ବସନ୍ତି ଶ୍ରୀରାଧା ହରି
ଦୋଳପରବରେ ଆସେ ବାହାରି
ଗୋପାଳେ ବୁଲନ୍ତି କାନ୍ଧରେ ଧରି
ଦେଖି ଭକତେ କରନ୍ତି ଗୁହାରି
କହିବ କି କିଏ ନାମ ମୋହରି ?

**ଉତ୍ତର – ଦୋଳବିମାନ**



**ନୁ**ହେଁ ଖୋଳ ମୁହିଁ ନୁହେଁ ମୃଦଙ୍ଗ
ଗୋପାଳ ଜନଙ୍କ ଅତି ସରାଗ
ଗାଇଲେ ଓଗାଳ ମୁଁ ଲୋଡ଼ା ଆଗ
ହାତରେ ବଜାନ୍ତି ହୋଇ କି ସାଙ୍ଗ
ଦୋଳ ପୂର୍ଣ୍ଣିମାରେ ଗୋପାଳ ଭାଇ
ନାଚ ସଙ୍ଗେ ମୋତେ ଥାଏ ବଜାଇ
କୃଷ୍ଣ ଭକ୍ତ ଦେବ ନାମ ବତାଇ ?

**ଉତ୍ତର– ଲଉଡ଼ି**



**ଫ**ଗୁଣରେ ପଡ଼େ ଏଇ ପରବ
ଖୋଜନ୍ତି ସଭିଏଁ ରଙ୍ଗ ଦରବ,
ସର୍ବେ ହୋଇ ଯାଇ ଏକାଠି ମେଳି
ଅବିର ରଙ୍ଗରେ ହୁଅନ୍ତି ବୋଳି
ଭୁଲିଯାଇ ସିଏ ପୂର୍ବର କଳି
ଭାଇ ଭାଇ ସବୁ ଯାଆନ୍ତି ମିଳି,
ଶତ୍ରୁ ମନୋଭାବ କେ ରଖେ ନାହିଁ
ଏ ପରବ ନାମ କେ ଦେବ କହି ?

**ଉତ୍ତର– ହୋଲିପର୍ବ**

**–ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, କରମୂଳ, ମହିମାଗାଦି, ଢେଙ୍କାନାଳ
ମୋ– ୯୯୩୮୦୨୪୧୨

# ଏଥରର

- ହୋଲିକା ଦହନ ପର୍ବ ଅନ୍ୟ କେଉଁ ନାମରେ ପରିଚିତ ?
- ହିନ୍ଦୁ କ୍ୟାଲେଣ୍ଡର ଅନୁସାରେ ହୋଲି ପର୍ବ କେଉଁ ମାସରେ ପଡେ ?
- ଏହି ପର୍ବରେ କେଉଁ ଦେବଦେବୀଙ୍କୁ ପୂଜା କରାଯାଏ ?
- ଓଡ଼ିଶାରେ ଦୋଳପୂର୍ଣ୍ଣିମା କେବେଠାରୁ ଆରମ୍ଭ ହୁଏ ?
- ହୋଲିରେ କେଉଁ ଅସୁରୁଣୀକୁ ନିଆଁରେ ପୋଡ଼ାଯାଇଥିଲା ବୋଲି ପୁରାଣରେ ବର୍ଣ୍ଣନା ରହିଛି ?

# ଗତଥରର ଉ ତ୍ତ ର

- ସେଣ୍ଟ୍ରାଲ ପ୍ରୋସେସିଙ୍ଗ ୟୁନିଟ୍
- ରାଣ୍ଡମ୍ ଆସେସ୍ ମେମୋରି
- ରିଡ୍ ଓନ୍ଲି ମେମୋରି
- ହାଇପରଟେକ୍ସ୍ଟ ଟ୍ରାନ୍ସଫର ପ୍ରୋଟୋକଲ୍
- ଓ୍ୱାର୍ଲ୍ଡ ଓ୍ୱାଇଡ୍ ଓ୍ୱେବ୍
- ଓ୍ୱାୟାରଲେସ୍ ଫିଡେଲିଟି



## ବସନ୍ତ ଆସିଛି

**ଆ**ସିଛି ବସନ୍ତ ଆମରି ଗାଆଁକୁ
ଫୁଲର ସବାରି ଧରି,
ମହୁଲ ଗଛରେ ଫୁଲ ଫୁଟିଲାଣି
ମହୁଆ ବାସନା ଭରି ।
ଗଛରୁ ପତର ଝଡ଼ିଲାଣି ପିଲେ
କୋଇଲି ଗାଉଛି ଗୀତ,
ଆମ୍ବ ବଉଳର ବାସ ଚହଟିଲା
ବାହୁଡ଼ି ଗଲାଣି ଶୀତ ।
ବସନ୍ତ ବସନ୍ତ ବାସୁଛି ତ ଗାଆଁ
ସବୁଜ ସୁନ୍ଦର ଦିଶେ ,
ଜାତି ଜାତି ଫୁଲ ଗାଆଁରୁ ସହର
ମହ ମହ ବାସ ଛୁଟେ ।
ବସନ୍ତ ଋତୁଟି ଆସିଛି ବୋଲି
ଗଛେ ପତ୍ର ଦେଲା ଭରି,
ବାହୁଡ଼ି ଯିବ କିଛି ଦିନ ରହି
ଗ୍ରୀଷ୍ମକୁ ସ୍ୱାଗତ କରି ।

**–କନ୍ଦର୍ପ ବେହେରା**
କବି କୁଟୀର, ଡଇଁଚା,
ରେଢାଖୋଲ, ସମ୍ବଲପୁର

## କ ବି ତା



## ବସନ୍ତର ଆଗମନେ

**ଧୀ**ରେ ଧୀରେ ଶୀତ ଛାଡ଼ିଲା ମରତ
ଲୀଳା ଖେଳା ତା'ର ସାରି
ବାଘୁଆ ଜାଡ଼ଟା ଲୁଚିଗଲା କେଣେ
ଡରି ଡରି ଶେଷେ ହାରି ।
ବସନ୍ତର ଆଗମନେ
ରଙ୍ଗ ବେରଙ୍ଗର ଫୁଲ ମହକିଲେ
ଫୁଟି ବନେ ଉପବନେ ।
ଚୂତ ତରୁ ଡାଳେ ବଉଳର ବାସ
ଜନ ମନ ନେଲା ହରି
କୋକିଳର ତାନେ ସବୁରି ଅନ୍ତର
ପୁଲକରେ ଗଲା ଭରି,
ବହିଲା ମଳୟ ବାଆ
ଶାଗୁଆ ରଙ୍ଗରେ ଚଉଦିଗ କେଡ଼େ
ସୁନ୍ଦର ଦିଶିଲା ଆହା !

**–ନିରାକାର ଚଇନି**
କଳିଗାଁ, ହାଟଡିହୀ, କେନ୍ଦୁଝର–୮୩

## ରଙ୍ଗ ପସରା ମେଳି

**ଆ**ମ୍ବଡାଳରେ ଡାକେ କୋଇଲି
ବରଷକେ ଥରେ ଆସିଛି ହୋଲି
ରଙ୍ଗର ପସରା ମେଲି ।
ବିଲରେ ବସିଲା ବଗ
ଆସ ଭାଇ ଭଉଣୀ ହୋଇଣ ସାଙ୍ଗ
ଦେହେ ବୋଳି ହେବା ରଙ୍ଗ ।
ସାହି ସାହି ବୁଲି ବୁଲି
ସଭିଙ୍କ ଦେହରେ ରଙ୍ଗ ଦେବା ବୋଲି
ଧରି ରଙ୍ଗ ପିଚକାରି ।
ଦୋଳ ମଣ୍ଡପରେ ହୋଲି
ରାଧାକୃଷ୍ଣ ମିଳି ଫଗୁ ରଙ୍ଗ ବୋଳି
ଖେଳନ୍ତି ତୋରଣେ ଦୋଳି ।
ଗୋଠରେ ବୋବାଏ ଗାଈ
କାହିଁଗଲା ମୋର କଳା କହ୍ନେଇ
ଦେହେ ରଙ୍ଗ ବୋଳି ନାହିଁ ।
ଆନନ୍ଦର ଉତ୍ସ ହୋଲି
ମଉଜ କରିବା ସର୍ବେ ହୋଇ ମେଳି
କାମଧନ୍ଦା ଯିବା ଭୁଲି ।
ହସଇ ପୂନିଅଁ ଚାନ୍ଦ
ଭେଦଭାବ ଭୁଲି ଖେଳୁଛନ୍ତି ହୋଲି
ରଥରେ ରାଧାଗୋବିନ୍ଦ ।

**–ନିରୁପମା ମହାପାତ୍ର**
ସାରଙ୍ଗଯୋଡ଼ି, ପୁରୀ



# ଗିନିଜ୍ ୱାର୍ଲ୍ଡ ରେକର୍ଡ

## ମ୍ୟାଥ୍ ଜିନିୟସ୍ ଗିଲ୍

**ପି**ଲାମାନେ ତୁମେ ଅଳ୍ପ ସମୟ ଭିତରେ ମ୍ୟାଥ୍ ସମାଧାନ କରିପାରିବ ? ଜଣେ ୧୦ବର୍ଷୀୟ ବାଳକ ଏକ ମିନିଟ୍‌ରେ ୧୯୬ଖଣ୍ଡ ଗଣିତ ସମାଧାନ କରି ଗିନିଜ୍ ରେକର୍ଡରେ ନିଜ ନାମକୁ ସାମିଲ କରିଛନ୍ତି। ସେ ହେଉଛନ୍ତି ଇଂଲଣ୍ଡର ନାଡ୍ଡୁବ ଗିଲ୍। ଗିନିଜ୍ ୱାଲର୍ଡ ରେକର୍ଡ ଓ ଟାଇମ୍ ଟେବୁଲ୍ ରକ୍ ଷ୍ଟାର ନାମକ ଏକ ଅନ୍‌ଲାଇନ ମ୍ୟାଥ୍ ଟେବୁଲ ଲର୍ନିଂ ଆପ୍‌ର ମିଳିତ ଉଦ୍ୟମରେ ଏକ କମ୍ପିଟିଶନ୍ ଆୟୋଜନ କରାଯାଇଥିଲା। ଏକ ମିନିଟ୍‌ରେ ମ୍ୟାଥ୍ ସଲଭ୍ କରିବା ପାଇଁ ଏଥିରେ ଚ୍ୟାଲେଞ୍ଜ ଦିଆଯାଇଥିଲା। ନାଡ୍ଡୁବ ୧ମିନିଟ୍ ମଧ୍ୟରେ ୧୯୬ଟି ପ୍ରଶ୍ନର ଉତ୍ତର ଦେଇଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି ସେଥି ମଧ୍ୟରୁ ଗୋଟିଏ ବି ଭୁଲ ଉତ୍ତର ନ ଥିଲା। ଏହି ପ୍ରତିଯୋଗିତାରେ ୭୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କିନ୍ତୁ ନାଡ୍ଡୁବ ସଭିଙ୍କ ମଧ୍ୟରେ ବାଜିମାତ୍ କରିଥିଲେ।






# ଜଣା ଅଜଣା



## ଷ୍ଟାଚ୍ୟୁ ଅଫ୍ ଲିବର୍ଟି

ଫ୍ରାନ୍ସ ଅଧିବାସୀମାନେ 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'କୁ ଉପହାର ସ୍ୱରୂପ ଆମେରିକାକୁ ପ୍ରଦାନ କରିଥିଲେ। କପର୍‌ରେ ନିର୍ମିତ ଏହି ଷ୍ଟାଚ୍ୟୁର ଉଚ୍ଚତା ପ୍ରାୟ ୯୩ ମିଟର। ଫ୍ରେଞ୍ଚ୍‌ର ଫ୍ରେଡେରିକ୍ ଅଗଷ୍ଟେ ବାର୍ଥୋଲ୍ଡି ଏହାକୁ ଡିଜାଇନ୍ କରିଥିବା ବେଳେ ଗସ୍ତାଭେ ଆଇଫଲ୍ ନିର୍ମାଣ କରିଥିଲେ। ୧୯୮୪ ମସିହାରେ ୟୁନେସ୍କୋ ଦ୍ୱାରା ଏହା ୱାର୍ଲ୍ଡ ହେରିଟେଜ୍‌ରେ ସ୍ଥାନ ପାଇଛି।



## ଥରକେ ୩୦୦ଟି ଅଣ୍ଡା ଦେଉଥିବା ପ୍ରାଣୀ

ମଶାଙ୍କ ଜୀବନକାଳ ମାତ୍ର ୨ ମାସ ଯାଏ ହୋଇଥାଏ। ଏମାନେ ଜନ୍ମ ହେବାର ପ୍ରଥମ ୧୦ ଦିନ ପାଣି ଭିତରେ ରହିଥାନ୍ତି ଓ ପରେ ଉଡ଼ିବା ଆରମ୍ଭ କରିଥାନ୍ତି। ମାଈ ମଶାମାନେ ଜୀବନକାଳରେ ୩ ଥର ଅଣ୍ଡା ଦେଇଥାନ୍ତି। ଗୋଟେ ଥରରେ ଏମାନେ ପ୍ରାୟ ୩୦୦ଟି ଅଣ୍ଡା ଦିଅନ୍ତି। ପୃଥିବୀରେ ପ୍ରାୟ ୩,୫୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ମଶା ଦେଖିବାକୁ ମିଳେ।



## ଠେକୁଆ ରହସ୍ୟ

ଦୂର ଜିନିଷ ଦେଖିପାରୁଥିବା ଓ ଦୂର ଶବ୍ଦକୁ ଭଲ ଭାବେ ଶୁଣିପାରୁଥିବା ପ୍ରାଣୀମାନଙ୍କ ମଧ୍ୟରେ ଠେକୁଆ ଅନ୍ୟତମ। ଏମାନେ ନିଜ କାନକୁ ୧୮୦° ଯାଏ ବୁଲାଇ ପାରନ୍ତି। ଫଳରେ ଦୂରରୁ ଶିକାରୀ ଆସୁଥିବାର ଜାଣି ଏମାନେ ନିଜକୁ ବଞ୍ଚାଇ ପାରନ୍ତି। ଗୋଟେ ଥରକେ ଏମାନେ ୯୦ ସେଣ୍ଟିମିଟର ପର୍ଯ୍ୟନ୍ତ ଡେଇଁପାରନ୍ତି।



## ଶୀଘ୍ର ବାସ୍ନା ବାରିପାରେ କୁକୁର

ମଣିଷମାନଙ୍କ ଅପେକ୍ଷା କୁକୁରମାନେ ଶୀଘ୍ର ବାସ୍ନା ବାରିପାରନ୍ତି। କାରଣ ଏମାନଙ୍କ ମସ୍ତିଷ୍କରେ ଥିବା ସ୍ମେଲ୍ ସେଣ୍ଟର୍‌ଟି ମଣିଷର ସ୍ମେଲ୍ ସେଣ୍ଟର୍‌ଠାରୁ ୪୦ ଗୁଣ ବଡ଼। କିନ୍ତୁ ଏମାନେ ସ୍ୱାଦକୁ ଠିକ୍ ଭାବେ ବାରିପାରନ୍ତି ନାହିଁ। ଜନ୍ମ ହେଲାବେଳେ ଏମାନେ ଦେଖିପାରନ୍ତି ନାହିଁ କି ଶୁଣି ବି ପାରନ୍ତିନି। ମଣିଷମାନଙ୍କ ପରି ଏମାନେ ସ୍ୱପ୍ନ ଦେଖନ୍ତି ଓ କିଛି କୁକୁର ପାଣିରେ ପହଁରି ବି ପାରନ୍ତି।

## ନୋବେଲ ପ୍ରାଇଜ୍

ପିଲାମାନେ, ତୁମେ ନୋବେଲ ପ୍ରାଇଜ୍ ବିଷୟରେ ଜାଣିଛ କି? ୧୮୯୫ ମସିହାରେ ଆଲଫ୍ରେଡ ନୋବେଲଙ୍କ ନାମାନୁସାରେ ଏହି ପ୍ରାଇଜ ବ୍ୟବସ୍ଥା କରାଯାଇଥିଲା। ୬ଟି ବିଷୟରେ ଯଥା ଫିଜିକ୍ସ, କେମିଷ୍ଟ୍ରି, ମେଡିସିନ୍, ଲିଟରେଚର୍, ଇକୋନୋମିକ୍ସ ଏବଂ ଶାନ୍ତି କ୍ଷେତ୍ରରେ ଏହା ପ୍ରଦାନ କରାଯାଏ। ପ୍ରଥମ ପୁରସ୍କାର ୧୯୦୧ ଫିଜିକ୍ସ ଏବଂ ମେଡିସିନ୍ କ୍ଷେତ୍ରରେ ପ୍ରଦାନ କରାଯାଇଥିଲା।



# ଆଇନା



ସୌମ୍ୟା ପ୍ରିୟଦର୍ଶିନୀ ଉପାଧ୍ୟାୟ
ବୟସ: ୧୦ ବର୍ଷ | ଭୁବନେଶ୍ୱର



ଅହିଲ ମହାନ୍ତି
ବୟସ: ୫ ବର୍ଷ | ଭୁବନେଶ୍ୱର



ସାଇକ୍ରିଷ୍ଟା ସେଠୀ
ବୟସ: ୭ ବର୍ଷ | ଭୁବନେଶ୍ୱର